# NATIONAL NEWS BULLETIN (ODIA)

## 29 November - 2024

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ଦେଶର ସଶସ୍ତ୍ର ବାହିନୀ ସାଇବର ଯୁଦ୍ଧ ଓ ଆତଙ୍କବାଦ ଭଳି ସୁରକ୍ଷା ଆହ୍ୱାନ ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ, କହିଲେ ରାଷ୍ଟ୍ରପତି ।
- ଭୁବନେଶ୍ୱରରେ ଆଜିଠାରୁ ଆରମ୍ଭ ହେବ ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ ଓ ମହାନିରୀକ୍ଷକ ସମ୍ମିଳନୀ ।

– ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।

- ଉତ୍ତରପ୍ରଦେଶ ସମ୍ଭାଲ୍‌ରେ ଘଟିଥିବା ହିଂସାକାଣ୍ଡର ବିଚାରବିଭାଗୀୟ ତଦନ୍ତ ନିର୍ଦ୍ଦେଶ ।
- ଶ୍ରୀଲଙ୍କାରେ ଲଘୁଚାପ ପ୍ରଭାବରେ ୧୨ ମୃତ, ୪ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ।

ଏବଂ

- ୨୦୨୫ ଚାମ୍ପିୟନ୍ସ ଟ୍ରଫି ପାକିସ୍ତାନରେ ହେବ କି ନାହିଁ ସେ ନେଇ ଆଜି ହେବ ନିଷ୍ପତ୍ତି ।

## ରାଷ୍ଟ୍ରପତି-ତାମିଲନାଡୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ସଶସ୍ତ୍ର ବାହିନୀ ଦେଶର ଜାତୀୟ ସ୍ୱାର୍ଥକୁ ସୁରକ୍ଷା ଦେବା ସହ ସାଇବର ଯୁଦ୍ଧ ଏବଂ ଆତଙ୍କବାଦ ଭଳି ସୁରକ୍ଷା ଆହ୍ୱାନ ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ । ଗତକାଲି ତାମିଲନାଡୁର ୱେଲିଂଟନ୍ ସ୍ଥିତ ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜ୍‌ର ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ପରିବର୍ତ୍ତିତ ଭୂ-ରାଜନୈତିକ ପରିବେଶରେ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସମସ୍ତଙ୍କୁ ପ୍ରସ୍ତୁତ ରହିବାକୁ ପଡ଼ିବ । ସେ କହିଛନ୍ତି, କେବଳ ଜାତୀୟ ସୁରକ୍ଷା ନୁହେଁ ବରଂ ସାଇବର ଯୁଦ୍ଧ ଏବଂ ଆତଙ୍କବାଦ ଭଳି ଆହ୍ୱାନ ପ୍ରତି ପ୍ରସ୍ତୁତ ହେବାକୁ ପଡ଼ିବ । ଗତ ବୁଧବାର ଠାରୁ ୪ ଦିନିଆ ତାମିଲନାଡୁ ଗସ୍ତରେ ଥିବା ରାଷ୍ଟ୍ରପତି ମୁର୍ମୁ ଆଜି ଉଧଗାମଣ୍ଡଲମ୍ ସ୍ଥିତ ରାଜଭବନରେ ନୀଳଗିରି ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟର ସଦସ୍ୟ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ସହ ଆଲୋଚନା କରିବେ । ଆସନ୍ତାକାଲି ଶ୍ରୀମତୀ ମୁର୍ମୁ ତିରୁଭାରୁର ଠାରେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ ଯୋଗ ଦେବେ ।

# ପିଏମ୍-ଓଡ଼ିଶା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ ଓ ମହାନିରୀକ୍ଷକ ସମ୍ମିଳନୀ ସମେତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଆଜିଠାରୁ ଲୋକସେବା ଭବନରେ ତିନି ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସମ୍ମିଳନୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଜାତୀୟ ସୁରକ୍ଷା ପରାମର୍ଶ ଦାତା  ଅଜିତ ଡୋଭାଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ । ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ପୁଲିସ୍ ମହାନିର୍ଦ୍ଦେଶକ ଏବଂ ସି.ଆର୍.ପି.ଏଫ୍.,ର ଏନ୍.ଏସ୍.ଜି., ଗୁଇନ୍ଦା ସଂସ୍ଥା ଏବଂ ଏସ୍.ପି.ଜି. ମୁଖ୍ୟ ମଧ ଏହି ସମ୍ମିଳନୀରେ ଯୋଗଦେବେ । ସମ୍ମିଳନୀରେ ଜାତୀୟ ନିରାପତ୍ତା ଆହ୍ୱାନ ଏବଂ ପୁଲିସ୍ ବାହିନୀର  ଦାୟିତ୍ୱ ଉପରେ ଗୁରୁତ୍ୱ ଦିଆଯିବ । ଏଥିରେ ଆଭ୍ୟନ୍ତରୀଣ ନିରାପତ୍ତା, ସାଇବର ଅପରାଧ, ମାଓବାଦୀ କାର୍ଯ୍ୟକଳାପ ଏବଂ କୃତ୍ରିମ ବୁଦ୍ଧିମତା ଓ ଡ୍ରୋନ୍ ଭଳି ଜ୍ଞାନକୌଶଳ ଦ୍ୱାରା ସୃଷ୍ଟି ହୋଇଥିବା ଆହ୍ୱାନ ଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯିବ । ଆଲୋଚନା କାଳରେ ଆତଙ୍କବାଦ ବିରୋଧି ରଣନୀତି ଉପରେ  ଆଲୋଚନା ହେବ ବୋଲି ଆଶା କରାଯାଉଛି ।

# ୟୁପି-ଇନ୍‌କ୍ୱାରି

ଉତ୍ତରପ୍ରଦେଶ ସମ୍ଭାଲରେ ଘଟିଥିବା ହିଂସାକାଣ୍ଡର ବିଚାର ବିଭାଗୀୟ ତଦନ୍ତ ନିମନ୍ତେ ୟୁ.ପି. ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏହି ହିଂସାକାଣ୍ଡରେ ୪ ଜଣଙ୍କ ପ୍ରାଣହାନୀ ଘଟିଛି । ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଦେବେନ୍ଦ୍ର କୁମାର ଅରୋରାଙ୍କ ନେତୃତ୍ୱରେ ଏକ ତିନି ଜଣିଆ କମିଟି ଘଟଣାର ତଦନ୍ତ କରିବେ ।  କମିଟିର ଅନ୍ୟ ଦୁଇ ଜଣ ସଦସ୍ୟ ହେଉଛନ୍ତି – ଅବସରପ୍ରାପ୍ତ ଆଇ.ଏ.ଏସ୍. ଅଧିକାରୀ ଅମିତ ମୋହନ ପ୍ରସାଦ ଏବଂ ପୂର୍ବତନ ଆଇ.ପି.ଏସ୍. ଅଧିକାରୀ ଅରବିନ୍ଦ କୁମାର ଜୈନ । ଦୁଇ ମାସ ମଧ୍ୟରେ ରିପୋର୍ଟ ଦେବାକୁ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି । ଗତକାଲି ଉତ୍ତର ପ୍ରଦେଶ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ତଦନ୍ତ ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଛି । ଏଥିରେ ନଭେମ୍ବର ୨୪ରେ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ହରିହର ମନ୍ଦିର ବନାମ ଜାମା ମସ୍‌ଜିଦ୍ ସର୍ଭେ ଘଟଣାରେ ଘଟିଥିବା ହିଂସା ପୂର୍ବ ଯୋଜନାବଦ୍ଧ ଥିଲା କି ନାହିଁ, ତାହା ତଦନ୍ତ କରାଯିବ ।

ଇତିମଧ୍ୟରେ ନଭେମ୍ବର ୧୯ରେ ସମ୍ଭାଲର ବିବାଦୀୟ ସ୍ଥାନ ସର୍ଭେ କରିବାକୁ ଏକ ଜିଲ୍ଲା କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ମାମଲାର ଆଜି ସୁପ୍ରିମ୍‌କୋର୍ଟରେ ଶୁଣାଣି ହେବ । ମୁଖ୍ୟ ବିଚାରପତି ଜଷ୍ଟିସ୍ ସଂଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଜାମା

ମସ୍‌ଜିଦ୍‌ର ପରିଚାଳନା କମିଟି ଦ୍ୱାରା ଆଗତ ଆବେଦନର ଆଜି ଶୁଣାଣି କରିବେ ।

## ଅମିତ ଶାହା-ଟେରୋରିଜିମ୍

ଗତ ଦଶ ବର୍ଷ ମଧ୍ୟରେ ଆତଙ୍କବାଦ, ବାମପନ୍ଥୀ ଉଗ୍ରବାଦ, ବିଦ୍ରୋହ ଓ ନିଶାଦ୍ରବ୍ୟ ବିରୋଧରେ ଉଲ୍ଲେଖନୀୟ ସଫଳତା ମିଳିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ମସୌରୀର ଲାଲବାହାଦୂର ଶାସ୍ତ୍ରୀ ନ୍ୟାସନାଲ୍ ଏକାଡେମୀ ଅଫ୍ ଆଡ୍‌ମିନ୍‌ଷ୍ଟ୍ରେସନ୍‌ରେ ଆୟୋଜିତ ଏକ ସମାପନୀ ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି, ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଦୃଢ଼ ନୀତି ଯୋଗୁଁ ଏ କ୍ଷେତ୍ରରେ ଆଶାନୁରୂପ ଫଳ ମିଳିପାରିଛି । ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ ହେବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି, ଜାମ୍ମୁ କାଶ୍ମୀରରେ ଆତଙ୍କବାଦ, ମାଓବାଦ, ଉତ୍ତରପୂର୍ବାଞ୍ଚଳରେ ବିଦ୍ରୋହ ଓ ନିଶାଦ୍ରବ୍ୟ କାରବାର ଦେଶ ପାଇଁ ୪ଟି ପ୍ରମୁଖ ଆହ୍ୱାନ ପାଲଟିଛି । ଶ୍ରୀ ଶାହା କହିଛନ୍ତି, ଦେଢ଼ଶହ ବର୍ଷ ପୁରୁଣା ବ୍ରିଟିଶ୍ ଯୁଗର ଆଇନ୍ ବଦଳରେ ତିନୋଟି ନୂତନ ଅପରାଧିକ ଆଇନ୍ ଦୋଷୀ ସାବ୍ୟସ୍ତହାର ୯୦ ପ୍ରତିଶତକୁ ବୃଦ୍ଧି କରିବା ସହ ଦେଶର ନ୍ୟାୟିକ ବ୍ୟବସ୍ଥାକୁ ବିଶ୍ୱର ସବୁଠାରୁ ଆଧୁନିକ ବ୍ୟବସ୍ଥାରେ ପରିଣତ କରିବ ।

## ଶାହା-ସିନ୍ଦେ ମିଟ୍

ମହାରାଷ୍ଟ୍ରର କାର୍ଯ୍ୟକାରୀ ମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ସିନ୍ଦେ, ବିଜେପି ନେତା ଦେବେନ୍ଦ୍ର ଫଡ଼ଣବିସ୍ ଏବଂ ଏନ୍.ସି.ପି. ମୁଖ୍ୟ ଅଜିତ ପାଓ୍ୱାର୍ ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ସରକାର ଗଠନ ନେଇ ଆଲୋଚନା କରିଛନ୍ତି । ଆଲୋଚନାକାଳରେ କେନ୍ଦ୍ରମନ୍ତ୍ରୀ ତଥା ବିଜେପି ଅଧ୍ୟକ୍ଷ ଜେ.ପି. ନଡ୍ଡା ଉପସ୍ଥିତ ଥିଲେ ।

ମହାରାଷ୍ଟ୍ରରେ ସରକାର ଗଠନରେ ସେ ବାଧକ ହେବେ ନାହିଁ ବୋଲି ପୂର୍ବରୁ ଏକନାଥ ସିନ୍ଦେ ପ୍ରକାଶ କରିସାରିଛନ୍ତି । ସେ ବିଜେପି କେନ୍ଦ୍ରୀୟ ନେତୃତ୍ୱଙ୍କ ନିଷ୍ପତ୍ତିକୁ ଗ୍ରହଣ କରିବେ ବୋଲି କହିଛନ୍ତି । ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ହାସଲ କରିଛି । ବିଜେପି ନେତା ଦେବେନ୍ଦ୍ର ଫଡ଼ଣବିସ୍ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମହାରାଷ୍ଟ୍ରରେ ବିଜୟ ଲାଗି ଶ୍ରୀ ଶାହାଙ୍କୁ ଶ୍ରେୟ ଦେଇଛନ୍ତି ।

## ଇଣ୍ଡିଆ ମେଡିକାଲ୍ ସପ୍ଲାଏଜ୍-ଜାମ୍ବିଆ

ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଉନ୍ନତ କରିବା ଲାଗି ମେଡିକାଲ୍ ସାମଗ୍ରୀ ଯୋଗାଣ କରି ଭାରତ ଜାମ୍ବିଆ ସହ ନିଜର ଭାଗିଦାରୀ ସୁଦୃଢ଼

କରିଛି । ଗତକାଲି ଭାରତରୁ ଡାକ୍ତରୀ ସାମଗ୍ରୀ ଜାମ୍ବିଆକୁ ପଠାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଜାମ୍ବିଆକୁ ପଠାଯାଇଥିବା ମେଡିକାଲ୍ ସାମଗ୍ରୀ ମଧ୍ୟରେ ଡାକ୍ତରଖାନା ଶଯ୍ୟା, ଅପରେସନ୍ ଥିଏଟର ଟେବୁଲ୍, ଶିଶୁମାନଙ୍କ ଲାଗି ଇନ୍‌କ୍ୟୁବେଟର, ଆନାସ୍ଥେସିଆ ଔଷଧ ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ରହିଛି । ସେ କହିଛନ୍ତି, ଏହି ଯୋଗାଣ ଦ୍ୱାରା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପାଇବା ସହ ଜାମ୍ବିଆର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ ।

ଭାରତ ଓ ଜାମ୍ବିଆ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଭିତ୍ତିକ ସମ୍ପର୍କ ରହିଆସିଛି । ସେଠାରେ ପ୍ରାୟ ୨୫ ହଜାର ଭାରତୀୟ ବଂଶୋଦ୍ଭବ ବସବାସ କରୁଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତି ଗୁଜରାଟର ହୋଇଥିବା ବେଳେ ସେମାନେ ଜାମ୍ବିଆର ଅର୍ଥନୈତିକ ଅଭିବୃଦ୍ଧିରେ ଉଲ୍ଲେଖନୀୟ ଯୋଗଦାନ କରୁଛନ୍ତି ।

## ଶ୍ରୀଲଙ୍କା-ଡିପ୍ ଡିପ୍ରେସନ୍

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଶ୍ରୀଲଙ୍କାରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ

ନିଖୋଜ ଅଛନ୍ତି । ଗତକାଲି ରାତି ସୁଦ୍ଧା ଏହା ତ୍ରିଙ୍କୋମାଲି ଠାରୁ ୨୪୦ କିଲୋମିଟର ଉତ୍ତର-ପୂର୍ବ ଦିଗରେ କେନ୍ଦ୍ରଭୂତ ଥିଲା । ଏହା ପଶ୍ଚିମ ଦିଗରେ ତାମିଲନାଡୁ ଆଡ଼କୁ ଗତି କରି ଦୁର୍ବଳ ହୋଇ ଅବପାତରେ ପରିଣତ ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି ।

ସୂଚନା ଅନୁଯାୟୀ ଶ୍ରୀଲଙ୍କାର ୨୪ଟି ଜିଲ୍ଲାର ୪ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଥିବା ବେଳେ ୩୪୫ଟି ସୁରକ୍ଷା ଆଶ୍ରୟ ସ୍ଥଳୀରେ ୩୬ ହଜାର ୩୩୦ ଜଣ ଆଶ୍ରୟ ନେଇଛନ୍ତି । ଲଘୁଚାପ ପ୍ରଭାବରେ ବର୍ଷା ଯୋଗୁଁ ୪ ହଜାର ୮୦୦ ଏକରରୁ ଅଧିକ ଧାନ ଫସଲ ନଷ୍ଟ ହୋଇଥିବା ବେଳେ ୨ହଜାର ୫୪ଟି ବାସଗୃହ କ୍ଷତିଗ୍ରସ୍ତ ହୋଇଛି ।

## ଗିରିରାଜ ସିଂହ-ସୁରଟ

କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ କହିଛନ୍ତି, ୨୦୩୦ ମସିହା ସୁଦ୍ଧା ଦେଶର ବୟନ ଶିଳ୍ପ କାରବାରକୁ ୩୫୦ ବିଲିୟନ୍ ଡଲାର୍‌କୁ ବୃଦ୍ଧି କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି । ବୟନ ଶିଳ୍ପ ସହର ସୁରତ ଗସ୍ତରେ ଥିବା ମନ୍ତ୍ରୀ ଶ୍ରୀ ସିଂହ ଗତ ସନ୍ଧ୍ୟାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ନବସାରିରେ ପ୍ରତିଷ୍ଠା ହେବାକୁ ଥିବା ପି.ଏମ୍. ମିତ୍ର ପାର୍କର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ଏହି ଅବସରରେ ମନ୍ତ୍ରୀ ଶ୍ରୀ

ସିଂହ କହିଛନ୍ତି, ନବସାରିରେ ଥିବା ମେଗା ଇଣ୍ଟିଗ୍ରେଟେଡ୍ ଆପେରାଲ୍ ପାର୍କ୍ ଗୁଜରାଟର ବୟନ ଶିଳ୍ପକୁ ପ୍ରୋତ୍ସାହିତ କରିବ ଏବଂ ଦକ୍ଷିଣ ଗୁଜରାଟ ଅଞ୍ଚଳରେ ନିଯୁକ୍ତି ସୃଷ୍ଟି କରିବ । ଆଜି ଶ୍ରୀ ସିଂହ ସୁରଟରେ ଥିବା ଫେୟାର୍‌ଡିଲ୍ ବୟନଶିଳ୍ପ ପାର୍କ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ସନ୍ଧ୍ୟାରେ ସେ ଭାରତ ଟେକ୍ସ ୨୦୨୫ର ପ୍ରଚାର ପାଇଁ ଆୟୋଜିତ ହେବାକୁ ଥିବା ରୋଡ୍ ଶୋ’ରେ ଯୋଗଦେବେ ।

## ଆଇସିସି-୨୦୨୫ ଚାମ୍ପିୟନ୍ସ ଟ୍ରଫି

୨୦୨୫ ଚାମ୍ପିୟନ୍ସ ଟ୍ରଫି ପାକିସ୍ତାନରେ ହେବ କି ନାହିଁ ସେ ନେଇ ଆଜି ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ ଆଇ.ସି.ସି. ଏକ ଭର୍ଚୁଆଲ୍ ବୈଠକ କରିବ । ଆସନ୍ତାବର୍ଷ ଫେବୃୟାରୀ ୧୯ରୁ ମାର୍ଚ୍ଚ ମଧ୍ୟରେ ଏହି ଚାମ୍ପିୟନ୍ସ ଟ୍ରଫି ଅନୁଷ୍ଠିତ ହେବାକୁ ଥିବାବେଳେ ଆଇ.ସି.ସି. ଏ ପର୍ଯ୍ୟନ୍ତ ଖେଳ ସୂଚୀ ପ୍ରକାଶ କରିନାହିଁ । ଆଜି ଅନୁଷ୍ଠିତ ହେବାକୁ ଥିବା ଭର୍ଚୁଆଲ୍ ବୈଠକରେ ଏହି ଟ୍ରଫି ଅନ୍ତର୍ଗତ ମ୍ୟାଚ୍ ଗୁଡ଼ିକ କେବଳ ପାକିସ୍ତାନରେ ହେବ କିମ୍ବା ହାଇବ୍ରିଡ୍ ମଡେଲ୍‌ରେ ପାକିସ୍ତାନ ସହ ଅନ୍ୟ ଦେଶରେ ମଧ୍ୟ ଆୟୋଜିତ ହେବ କି ନାହିଁ ସେ ନେଇ ନିଷ୍ପତ୍ତି ଗ୍ରହଣ କରାଯିବ । ଚାମ୍ପିୟନ୍ସ ଟ୍ରଫି ପାଇଁ ଭାରତ ପାକିସ୍ତାନ ଗସ୍ତ କରିପବ ନାହିଁ ବୋଲି ବି.ସି.ସି.ଆଇ. ପକ୍ଷରୁ

ପାକିସ୍ତାନ କ୍ରିକେଟ୍ ବୋର୍ଡ୍‌କୁ ଜଣାଇ ଦିଆଯିବା ପରେ ଏହି ବୈଠକ ଡକାଯାଇଛି ।